# OFFICE OF THE NOTIFIED AREA COUNCIL, BIJEPUR

AT/PO/PS: - Bijepur, Dist.: - Bargarh (Odisha), PIN: - 768032

Phone No. 06685-274153, Email ID: -bijepurnac2018-od@gov.in, Web Site- bijepurnac.in


**QCN No.** 1413 **Date-** 22 / 12 /2025

**ଆଗ୍ରହୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଆହାର କେନ୍ଦ୍ର, ବିଜେପୁର ରେ ଖାଦ୍ୟ ପ୍ରସ୍ତୁତି ଏବଂ ଖାଦ୍ୟ ପରିଚାଳନା ଓ ତଦାରଖ କରିବା ପାଇଁ ଇଚ୍ଛାପତ୍ର ଆହ୍ୱାନ**

ଏତଦ୍ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ , ବିଜେପୁର ରେ ଥିବା ସମସ୍ତ ମିଶନ ଶକ୍ତି ଗ୍ରୁପ ମାନଙ୍କଠାରୁ ଆହାର କେନ୍ଦ୍ର, ବିଜେପୁରରେ ଗରମ ରନ୍ଧା ଖାଦ୍ୟ ପ୍ରସ୍ତୁତି ଓ ପରିଚାଳନା ଏବଂ ତଦାରଖ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ଦାୟିତ୍ୱ ୧ ବର୍ଷ ପାଇଁ ଦିଆଯିବ । ଦାୟିତ୍ୱ ନେବାକୁ ଥିବା ଇଚ୍ଛୁକ ମିଶନ ଶକ୍ତି ଗ୍ରୁପ ର ରିଜୁଲେସନ ଖାତା, ବ୍ୟାଙ୍କ ପାସ ବୁକ ,ଗୋଷ୍ଠିର କ୍ୟାସ୍ ବୁକର ନକଲ ଓ ରିଜୁଲେସନ ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଏହି ବିଜ୍ଞପ୍ତି ଜାରି ପରେ ତା.୨୩ .୧୨ .୨୫ ରୁ ତା. ୩୦ .୧୨ .୨୫ ( ଆବେଦନ ପତ୍ର ) ବାବଦ କୁ ୬୦୦୦/- ଟଙ୍କା ରସିଦ କାଟି ପରିଷଦ ଅଫିସରେ କାର୍ଯ୍ୟ ଦିବସ ଗୁଡିକ ରେ କାର୍ଯ୍ୟାଳୟ ସମୟ ମଧ ରେ ଆବେଦନ ପତ୍ର ଦାଖଲ କରିବାକୁ ହେବ। କେବଳ ସ୍ପିଡ ପୋଷ୍ଟ/ Courier ମାଧ୍ୟମ ରେ ଆବେଦନ ଗ୍ରହଣ କରାଯିବ । ଧାର୍ଯ୍ୟ ଦିନ ଗତେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । କର୍ତ୍ତୃପକ୍ଷ ଚାହିଁଲେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ /ନାକଜ କରି ପାରିବେ । ବିଜ୍ଞାପିତ ଅଞ୍ଚଳ ପରିଷଦ , ବିଜେପୁର ଅଫିସର ୱେବ www. bijepurnac.in ରୁ ଦେଖି ପାରିବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
Executive Officer
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିଜେପୁର
NAC, Bijepur

ପରିପତ୍ର ସଂଖ୍ୟା: 1414 ତାରିଖ: 22-12-2025

ଏହାର ଏକକିତା ନକଲ **ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ବରଗଡ଼** ସୂଚନା ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
Executive Officer
ବିଜ୍ଞାପିତଅଞ୍ଚଳପରିଷଦ ବିଜେପୁର
NAC, Bijepur

ପରିପତ୍ର ସଂଖ୍ୟା. 1415 ତାରିଖ. 22-12-2025

ଏହାର ଏକକିତା ନକଲ CDPO, ବିଜେପୁର ଙ୍କୁ ସୂଚନା ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
Executive Officer
ବିଜ୍ଞାପିତଅଞ୍ଚଳପରିଷଦ ବିଜେପୁର
NAC, Bijepur

ପରିପତ୍ର ସଂଖ୍ୟା. 1416 ତାରିଖ. 22-12-2025

ଏହାର ଏକକିତା ନକଲ ବିଜ୍ଞାପିତଅଞ୍ଚଳପରିଷଦ,ବିଜେପୁରନୋଟିସ ବୋର୍ଡକୁ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
Executive Officer
ବିଜ୍ଞାପିତଅଞ୍ଚଳପରିଷଦ ବିଜେପୁର
NAC, Bijepur

ପରିପତ୍ର ସଂଖ୍ୟା. 1417 ତାରିଖ. 22-12-2025

ଏହାର ଏକକିତା ନକଲ ନିର୍ଦ୍ଦେଶକ I & PR Department ଓଡ଼ିଶା, ଭୁବନେଶ୍ୱର,ଆହାର ପରିଚାଳନା ନିମନ୍ତେ ସ୍ଥାନୀୟ ଖବର କାଗଜ ପ୍ରକାଶ ନିମନ୍ତେ ପ୍ରେରଣା କରାଗଲା .

କାର୍ଯ୍ୟନିର୍ବାହୀ ଅଧିକାରୀ
Executive Officer
ବିଜ୍ଞାପିତଅଞ୍ଚଳପରିଷଦ,ବିଜେପୁର
NAC, Bijepur

# ମିଶନ ଶକ୍ତି ଗ୍ରୁପଙ୍କ ଯୋଗ୍ୟତା ପରିମାପକ

| କ୍ରମି. ସଂ. | ମାନଦଣ୍ଡ | ଯୋଗ୍ୟତା ପରିମାପକ |
|---|---|---|
| ୧ | ଗୋଷ୍ଠୀ ଗଠନ | ୦୧.୦୪.୨୦୨୪ ସୁଦ୍ଧା ଗଠିତ ହୋଇଥିବ । |
| ୨ | ଗୋଷ୍ଠୀ ପରିଚାଳନା | ପଞ୍ଚ ସୂତ୍ରର କଠୋର ଅନୁପାଳନ କରାଯିବ (ନିୟମିତ ବୈଠକ, ନିୟମିତ ସଞ୍ଚୟ, ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ବା ରେକର୍ଡ଼ ରଖିବା ଇତ୍ୟାଦି) |
| ୩ | ପ୍ୟାନ | ମିଶନ୍ ଶକ୍ତି ଗ୍ରୁପଙ୍କର ପରମାନେଣ୍ଟ ପ୍ୟାନ କାର୍ଡ ନମ୍ବର ଥିବ । |
| ୪ | ଆୟକାରୀ କାର୍ଯ୍ୟବିଧି | ମିଶନ୍ ଶକ୍ତି ଗୋଷ୍ଠୀପୂର୍ବରୁ ଆୟକାରୀ କାର୍ଯ୍ୟବିଧିରେ ଅଂଶଗ୍ରହଣକରିଥିବେ। |
| ୫ | ଆର୍ଥିକ ବ୍ୟବହାର | କୌଣସି ଆର୍ଥିକ ଅନିୟମିତତା ଯଥା (ଋଣ ଏନ୍.ପି.ଏ. ରାଇଟ୍ ଅଫ୍ କିମ୍ବା ୱାନ୍ ଟାଇମ୍ ସେଟଲମେଣ୍ଟ ଘୋଷିତ ହୋଇନଥିବ । ନିଜର ବ୍ୟାଙ୍କ ଖାତାରେ ସର୍ବ ନିମ୍ନ ତିନି ଲକ୍ଷ (୩ ,00,000 /-) ଟଙ୍କା ଜମା ରହିଥିବା ଆବଶ୍ୟକ । |
| ୬ | ଦଳଗତ ନିଷ୍ଠା ଓ ସାଧୁତା | କୌଣସି ଅସାମାଜିକ କାର୍ଯ୍ୟ ଅଥବା ଅପରାଧରେ ଜଡ଼ିତ ନଥିବେ। |
| ୭ | ଯୋଗ୍ୟତା | ମିଶନ୍ ଶକ୍ତି ରୁପ ସଦସ୍ୟଙ୍କ ଶିକ୍ଷାଗତ ହିସାବରେ Documentation ଲେଖା କରିପାରୁ ଥିବା ଆବଶ୍ୟକ । |
| | | ଆବେଦନ କରିବାକୁ ଥିବା ମିଶନ ଶକ୍ତି ମାନେ କୌଣସି ପ୍ରକାର ସରକାରୀ କାର୍ଯ୍ୟକ୍ରମ ରେ ସାମିଲ ହୋଇ ନ ଥିବେ । ତଥା:- ସ୍ବଚ୍ଛସାଥୀ, ସୁପରଭାଇଜର, ଜଳସାଥୀ, ଆହାର ଯୋଜନା,ମିଲେଟ ମିଶନ, ଶିକ୍ଷା ଓ ସ୍ବାସ୍ଥ୍ୟ ବିଭାଗ ରେ । |
| | | ଅବେଦନ କରିବାକୁ ଥିବା ମିଶନ ଶକ୍ତି ମାନେ ଖାଦ୍ୟ ତିଆରି କରିବା ଓ ଖାଦ୍ୟ ପରିବେଷଣ ପରିଚାଳନା କରିବା ଅଭିଜ୍ଞତା ରହିବା ଆବଶ୍ୟକ। |

କାର୍ଯ୍ୟନିର୍ବାହୀ ଅଧିକାରୀ
Executive Officer
ବିଜ୍ଞାପିତଅଞ୍ଚଳପରିଷଦ,ବିଜେପୁର
NAC, Bijepur

## ସର୍ତ୍ତାବଳି

୧. ଆବେଦନ କରିଥିବା ସମସ୍ତ ଗୋଷ୍ଠୀ ମାନେ ଜଉମୁଦ ଲଫାପା ରେ ଓ ଅନ୍ୟ କାଗଜ ପତ୍ର ଆଉ ଗୋଟିଏ ଜଉମୁଦ ଲଫାପା ରେ ଭର୍ତ୍ତି କରି ଏହି ଦୁଇ ଗୋଟି ଲଫାପା କୁ ଗୋଟିଏ ବଡ ଲଫାପା ରେ ଭର୍ତ୍ତି କରି ଜଉମୁଦ ଦେଇ Speed post or Courier ଯୋଗେ ପଠାଇବେ, ଅନ୍ୟଥା ଆବେଦନ କାଗଜ ଖୋଲା ନ ଯାଇ ଆବେଦନ ରଦ୍ଦ କରା ଯିବ ।

୨. ନିର୍ଦ୍ଧାରିତ ସମୟ ଓ ତାରିଖ ପରେ ଆସିଥିବା କୌଣସି ଆବେଦନ ଗ୍ରହଣୀୟ ନୁହେଁ ।

୩. ଯୋଗ୍ୟ ବିବେଚିତ ଗୋଷ୍ଠୀ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ପୂର୍ବ ରୁ ୧୦,୦୦୦ /- ଟଙ୍କା ସେକୁରିଟୀ ବାବଦ କୁ ଜମା କରିବାକୁ ହେବ ।

୪. ଚୁକ୍ତି ନାମା ସ୍ୱାକ୍ଷର ହେଲା ପରେ କୌଣସି ପରିସ୍ଥିତି ରେ ଚୁକ୍ତି ନାମା ଖାରଜ ହେବ ନାହି ଯଦି ଖିଲାପ ହୁଏ ଜମା ରାଶି ବ୍ୟାଜପ୍ତ ହେବ ଏବଂ ତାସହିତ ଚୁକ୍ତି ନାମା ରଦ୍ଦ ହେବ ।

୫. ପରବର୍ତ୍ତୀ ସମୟ ରେ ଆବଶ୍ୟକ ଅନୁଯାୟୀ କର୍ତ୍ତୃପକ୍ଷ ଚାହିଁଲେ ନିୟମା ବଳି ରେ ପରିବର୍ତ୍ତନ କରି ପାରିବେ ।